20th May, 2021

# ୨୦୨୦-୨୦୨୧ ଶିକ୍ଷାବର୍ଷ ଶେଷ କରିଛି ଆଇଆଇଟି ଭୁବନେଶ୍ୱର

ଭୁବନେଶ୍ୱର, ୧୯।୫(ନି.ପ୍ର): କରୋନା କଟକଣା ମଧ୍ୟରେ ୨୦୨୦-୨୦୨୧ ଶିକ୍ଷାବର୍ଷ ଶେଷ କରିଛି ଆଇଆଇଟି ଭୁବନେଶ୍ୱର। ଶ୍ରେଣୀଗୃହରେ ସାମାଜିକ ଦୂରତ୍ୱ ରକ୍ଷା କରି ପାଠପଢ଼ା ଏବଂ ପ୍ରତ୍ୟକ୍ଷ ନିୟନ୍ତ୍ରଣ(ଅନ୍‌ଲାଇନ୍) ମାଧ୍ୟମରେ ପାଠ୍ୟକ୍ରମ ସାରିପାରିଛି।

ପ୍ରଥମ ବର୍ଷ ବି.ଟେକ୍ ଛାତ୍ରଛାତ୍ରୀଙ୍କ ନାମଲେଖାରେ ସାମାନ୍ୟ ବିଳମ୍ବ ହୋଇଥିଲା। ତେବେ ଅନ୍ୟାନ୍ୟ ସେମିଷ୍ଟର ପରୀକ୍ଷା ନିର୍ଦ୍ଧାରିତ ସମୟରେ ଶେଷ ହୋଇଛି। ତାଲାବନ୍ଦ ଘୋଷଣା ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ଅନଲାଇନ୍‌ରେ ଶିକ୍ଷା ଦିଆଯାଇଥିଲା। ବିସ୍ତୃତ କଲମ କାଗଜ ପରୀକ୍ଷା ପାଇଁ ଅନୁଷ୍ଠାନ ଏକ ନିଆରା ପଦ୍ଧତି ଆପଣାଇଥିଲା। ପରୀକ୍ଷା ପରିଚାଳନା ପାଇଁ ଶିକ୍ଷକଙ୍କୁ ତାଲିମ ଦିଆଯାଇ ପରୀକ୍ଷା କରାଯାଇ ଥିଲା। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରାଜ କୁମାର କହିଛନ୍ତି, ଅତ୍ୟଧିକ କଠିନ ମହାମାରୀ ହେତୁ ବିଷୟଭିତ୍ତିକ ଏବଂ ପରୀକ୍ଷାଗାର ପାଠକୁ ଶୃଙ୍ଖଳିତ ଭାବେ ଛାତ୍ରଛାତ୍ରୀଙ୍କୁ ପଢ଼ା ଯାଇଛି। ବିଜ୍ଞାନ ଓ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷାଗାର ତାଲିମ ଗୁରୁତ୍ୱପୂର୍ଣ୍ଣ ଥିଲା। ମହାମାରୀ ସମୟରେ ସମାନ କାର୍ଯ୍ୟ କରିବା ଏକ ଗୁରୁତର ସମସ୍ୟା ସୃଷ୍ଟି କରିଥିଲା।